# NATIONAL NEWS BULLETIN (ODIA)
## 5 October - 2023
## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଜବଲପୁର ଠାରେ ୧୨ ହଜାର ୬୦୦ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଓ ଉଦ୍‌ଘାଟନ କରିଛନ୍ତି ।
- ସିକିମ ମୁଖ୍ୟମନ୍ତ୍ରୀ ପି.ଏସ୍. ତମାଙ୍ଗ ଆଜି ଏକ ବୈଠକରେ ରାଜ୍ୟର ଦୁର୍ବିପାକ ଜନିତ ପରିସ୍ଥିତିକୁ ସମୀକ୍ଷା କରିଛନ୍ତି ।
- ସି.ବି.ଆଇ. କେନ୍ଦ୍ରୀୟ ଚଳଚ୍ଚିତ୍ର ସାର୍ଟିଫିକେସନ୍ ବୋର୍ଡର କର୍ମଚାରୀ ମାନଙ୍କ ସମେତ ୩ ଜଣ ବେସରକାରୀ ବ୍ୟକ୍ତି ଓ ଅନ୍ୟମାନଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରିଛି ।
- ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ୮୬ରେ ପହଁଞ୍ଚିଛି ।

ଏବଂ

- ବିଶ୍ୱକପ୍ କ୍ରିକେଟ୍‌ର ପ୍ରଥମ ମ୍ୟାଚ୍‌ରେ ଗତଥର ର ଚାମ୍ପିଅନ ଇଂଲଣ୍ଡ' ନ୍ୟୁଜିଲାଣ୍ଡ ପାଇଁ ୨୮୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ।

# ଏମ୍‌ପି-ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଜବଲପୁର ଠାରେ ୧୨ ହଜାର ୬୦୦ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଓ ଉଦ୍‌ଘାଟନ କରିଛନ୍ତି। ସେ ବୀରାଙ୍ଗନା ରାଣୀ ଦୁର୍ଗାବତୀ ସ୍ମାରକର ଭୂମି ପୂଜନ କରିଛନ୍ତି। ରାଣୀ ଦୁର୍ଗାବତୀଙ୍କ ସ୍ମୃତିରେ ସେ ଏକ ଡାକଟିକଟ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି’ ପୂର୍ବତନ ସରକାର ମାନେ ଭାରତର ମହାନ ବ୍ୟକ୍ତି ଓ ଆଦିବାସୀ ସମ୍ପ୍ରଦାୟକୁ ଉପଯୁକ୍ତ ସମ୍ମାନ ଦେଇ ନାହାଁନ୍ତି। ସେ କହିଛନ୍ତି’ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ପ୍ରଥମ କରି ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି’ ତାଙ୍କ ସରକାର ସରକାରୀ ତାଲିକାରୁ ୧୧ କୋଟି ନକଲି ନାମ ହଟାଇଛନ୍ତି। ସେ କହିଛନ୍ତି’ ଏହା ଦ୍ୱାରା ଜନଧନ ଆଧାର ଓ ମୋବାଇଲ ମାଧ୍ୟମରେ ହେଉଥିବା ଅଢ଼େଇ ଲକ୍ଷ କୋଟି ଟଙ୍କାର ଚୋରିକୁ ରୋକା ଯାଇପାରିଛି।

ଶ୍ରୀ ମୋଦୀ କହିଛନ୍ତି’ ଆଜି ମଧ୍ୟପ୍ରଦେଶ ଏଭଳି ଏକ ସ୍ଥିତିରେ ପହଁଞ୍ଚିଛି, ଯଦି ସେଠାରେ ବିକାଶର ଗତି ମନ୍ଥର ହୋଇଯାଏ, ତାହାହେଲେ ଏହା ଏକ ବିପର୍ଯ୍ୟୟ ସାବ୍ୟସ୍ତ ହେବ। ସେ ଦୃଷ୍ଟିରୁ ପରବର୍ତ୍ତୀ ୨୫ ବର୍ଷ ବହୁତ ଗୁରୁତ୍ୱପୂର୍ଣ୍ଣ। ଏକ ବିକଶିତ ମଧ୍ୟପ୍ରଦେଶ ଏକ ଉନ୍ନତ

ଭାରତ ପାଇଁ ରାସ୍ତା ଉନ୍ମୁକ୍ତ କରିବ। ସେ କହିଛନ୍ତି' କଠୋର ପରିଶ୍ରମ କରିବା ଓ ଉପଯୁକ୍ତ ନିଷ୍ପତ୍ତି ନେବାର ଏହା ହେଉଛି ପ୍ରକୃଷ୍ଟ ସମୟ।

## ପିଏମ୍-ରାମଲିଙ୍ଗା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି' ଦେଶର ସାଂସ୍କୃତିକ ବୌଦ୍ଧିକତା ମହାନ ସାଧୁସନ୍ଥ ମାନଙ୍କ ବାଣୀ ସହ ଜଡ଼ିତ, ଯାହା 'ଏକ ଭାରତ ଶ୍ରେଷ୍ଠ ଭାରତ' ର ଧାରଣାକୁ ଆହୁରି ସୁଦୃଢ଼ କରିଛି। ଶ୍ରୀ ରାମଲିଙ୍ଗା ସ୍ୱାମୀଙ୍କ ୨୦୦ ତମ ଜୟନ୍ତୀ ଉପଲକ୍ଷେ ଏକ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି' ଶ୍ରୀ ରାମଲିଙ୍ଗା ସ୍ୱାମୀ ଦେଶର ସବୁଠୁ ସମ୍ମାନୀୟ ସନ୍ଥ ଥିଲେ ଓ ତାଙ୍କର ଆଧାତ୍ମିକ ବାଣୀ ଗୁଡ଼ିକ ଆଜି ମଧ୍ୟ ଲକ୍ଷ ଲକ୍ଷ ଲୋକଙ୍କୁ ଅନୁପ୍ରାଣିତ କରୁଛି। ତାଙ୍କର ବାଣୀର ପ୍ରଭାବ ସମଗ୍ର ବିଶ୍ୱରେ ପଡ଼ିଛି ଓ ଅନେକ ସଂଗଠନ ତାଙ୍କର ଆଦର୍ଶ ଓ ଚିନ୍ତାଧାରା ଉପରେ କାର୍ଯ୍ୟ କରୁଛନ୍ତି। ଜାତୀୟ ଶିକ୍ଷା ନୀତି ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି' ଏହା ସମଗ୍ର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣୁଛି ଓ ଏଥିରେ ନବୀକରଣ, ଗବେଷଣା ଓ ବିକାଶ ଉପରେ ଆଲୋକପାତ କରାଯାଇଛି। ବିଗତ ୯ ବର୍ଷ ମଧ୍ୟରେ ରେକର୍ଡ ସଂଖ୍ୟକ ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଙ୍ଗ କଲେଜ ଓ ମେଡିକାଲ କଲେଜ ସ୍ଥାପନ ହୋଇଥିବାର ଦର୍ଶାଇ ସେ କହିଛନ୍ତି' ଯୁବାମାନେ ବର୍ତ୍ତମାନ ସେମାନଙ୍କର ମାତୃଭାଷାରେ ଅଧ୍ୟୟନ କରି ଡାକ୍ତର ଓ ଇଞ୍ଜିନିୟର ହୋଇପାରିବେ। ମାତୃଭାଷା ଯୁବାମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରୁଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ରାମଲିଙ୍ଗା ସ୍ୱାମୀଙ୍କର ଆଦର୍ଶ ଗୁଡ଼ିକ ପାଳନ ପାଇଁ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇବା ସହ

ପ୍ରତ୍ୟେକଙ୍କୁ ପ୍ରେମ, ଦୟା ଓ ନ୍ୟାୟର ବାର୍ତ୍ତା ପ୍ରସାର କରିବାକୁ ନିବେଦନ କରିଛନ୍ତି।

# ସିକିମ୍- ସିଚୁଏସନ୍

ସିକିମ ମୁଖ୍ୟମନ୍ତ୍ରୀ ପି.ଏସ୍. ତମାଙ୍ଗ ଆଜି ଏକ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟର ଦୁର୍ବିପାକ ଜନିତ ପରିସ୍ଥିତିକୁ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟ ସଚିବ ଭି.ବି. ପାଠକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମୁଖ୍ୟ ସଚିବ ପ୍ରଶାସନ ଦ୍ୱାରା ନିଆଯାଉଥିବା ପଦକ୍ଷେପ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ରାଜ୍ୟ ସରକାରଙ୍କୁ ସେନାବାହିନୀ ଓ ଅନ୍ୟ ସଂଗଠନ ଗୁଡ଼ିକ ରିଲିଫ୍, ଥଇଥାନ ଓ ପୁର୍ନନିର୍ମାଣ କାର୍ଯ୍ୟରେ ସହାୟତା କରୁଛନ୍ତି। ଗତକାଲି ଅନୁଷ୍ଠିତ ଜାତୀୟ ସଂକଟ ପରିଚାଳନା କମିଟି ବୈଠକ ବିଷୟରେ ମଧ୍ୟ ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। କ୍ୟାବିନେଟ ସଚିବଙ୍କ ସହ ଗତକାଲି ଏହି ବୈଠକରେ ସିକିମ ପରିସ୍ଥିତି ବିଷୟରେ ଆଲୋଚନା କରାଯାଇଥିଲା।

ବୈଠକରେ ମୁଖ୍ୟମନ୍ତ୍ରୀ ପି.ଏସ. ତମାଙ୍ଗ ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟିର ଗଠନ ପାଇଁ ଅନୁରୋଧ କରିଛନ୍ତି। ଏଥିରେ ବିଶେଷଜ୍ଞ, ବୈଜ୍ଞାନିକ, ପରିବେଶବିତ୍, ଜଳ ବିଦ୍ୟୁତ କ୍ଷେତ୍ରର ବିଶେଷଜ୍ଞ, ଇଞ୍ଜିନିୟର, ସମାଜସେବୀ, ଗ୍ଲେସିୟର ବିଶେଷଜ୍ଞ ଓ ବନ୍ଧ କ୍ଷେତ୍ରର ବିଶେଷଜ୍ଞମାନେ ରହିବେ। ସେମାନେ ଘଟଣାର ପୁଙ୍ଖାନୁପୁଙ୍ଖ

ଅଧ୍ୟୟନ କରିବେ ଓ ଭବିଷ୍ୟତ ପାଇଁ ଏକ  ଯୋଜନାର ରୂପରେଖ ପ୍ରସ୍ତୁତ କରିବେ।

ମହଜୁଦକାରୀ ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଶ୍ରୀ ତମାଙ୍ଗ ଚେତାବନୀ ଦେଇଛନ୍ତି। ଅଭିଯୋଗ ଗ୍ରହଣ ପାଇଁ ରାଙ୍ଗପୋ, ସିଙ୍ଗତାମ୍ ଓ ମଙ୍ଗନ ଠାରେ ଆପତ୍ତି ଅଭିଯୋଗ କାଉଣ୍ଟର ସ୍ଥାପନ କରାଯିବ। ସେ କହିଛନ୍ତି’ ଅତ୍ୟାବଶ୍ୟକ ସାମଗ୍ରୀ ବହନ କରି ଯାଉଥିବା ଗାଡ଼ିଗୁଡ଼ିକର ଚଳାଚଳକୁ ସୁଗମ କରିବା ଲାଗି ଏକ ଜିଲ୍ଲା କମିଟି ଗଠନ କରାଯିବ। ସୋମୋଗ, ବାବାମନ୍ଦିର ଓ ନଥୁଲା ଭଳି ପର୍ଯ୍ୟଟନସ୍ଥଳୀ ଗୁଡ଼ିକୁ ଯାତ୍ରା ପାଇଁ ଆସନ୍ତାକାଲି ଠାରୁ ଅନୁମତି ଦିଆଯିବ ନାହିଁ। ଶ୍ରୀ ତମାଙ୍ଗ କହିଛନ୍ତି’ ରିଲିଫ୍ ଶିବିର ଗୁଡ଼ିକରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ମାଗଣାରେ ଔଷଧପତ୍ର ଯୋଗାଇ ଦିଆଯିବ। ରିଲିଫ୍ ଶିବିର ଗୁଡ଼ିକରେ ସମସ୍ତ ସୁବିଧା ଯୋଗାଇ ଦେବାକୁ ଜିଲ୍ଲାପାଳ ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେ କହିଛନ୍ତି’ ରାଙ୍ଗପୋ, ଶିଙ୍ଗତାମ, ଚୁଙ୍ଗଥାଙ୍ଗ ଓ ନାମ୍ଚି ଠାରେ ରିଲିଫ୍ ସାମଗ୍ରୀ ଗ୍ରହଣ କେନ୍ଦ୍ରମାନ ସ୍ଥାପନ କରାଯିବ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଚିହ୍ନିତ ହୋଇଥିବା ବ୍ୟକ୍ତିମାନେ ସ୍ୱେଚ୍ଛାସେବୀ ଭାବେ କାମ କରିବେ। ଆସନ୍ତାକାଲି ଠାରୁ ମଙ୍ଗନ, ଗ୍ୟାଙ୍ଗଟକ୍, ପାକିଅଙ୍ଗ ଓ ନାମ୍ଚି ଜିଲ୍ଲାର ସମସ୍ତ ସ୍କୁଲ ଓ ସରକାରୀ ଏବଂ ବେସରକାରୀ କଲେଜ ଗୁଡ଼ିକ ପରବର୍ତ୍ତୀ ନିର୍ଦ୍ଦେଶ ମିଳିବା ପର୍ଯ୍ୟନ୍ତ ବନ୍ଦ ରହିବ। ସେ କହିଛନ୍ତି’

ପାକିଅଙ୍ଗ୍, ସିଙ୍ଗତାମ ଓ ଡିକ୍‌ଚୁ ଠାରେ ଶୀଘ୍ର ବିଦ୍ୟୁତ ଓ ଜଳ ଯୋଗାଣ ଆରମ୍ଭ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି’ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟରୁ ପ୍ରତିଦିନ ସନ୍ଧ୍ୟାରେ ଏକ ପ୍ରେସ୍ ନୋଟ୍ ପ୍ରକାଶ କରାଯିବ। ଗୁଜବକୁ ଏଡ଼ାଇବା ପାଇଁ ଏଥିରେ ସୂଚନା ପ୍ରଦାନ କରାଯିବ।

## ସିବିଆଇ-ସିବିଏଫ୍‌ସି

ମୁମ୍ବାଇରେ ସି.ବି.ଆଇ. କେନ୍ଦ୍ରୀୟ ଚଳଚ୍ଚିତ୍ର ସାର୍ଟିଫିକେସନ୍ ବୋର୍ଡର କର୍ମଚାରୀ ମାନଙ୍କ ସମେତ ୩ ଜଣ ବେସରକାରୀ ବ୍ୟକ୍ତି ଓ ଅନ୍ୟମାନଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରିଛି। ସି.ବି.ଆଇ ର କହିବା ଅନୁସାରେ ହିନ୍ଦୀ ଭାଷାକୁ ରୂପାନ୍ତରିତ ହୋଇଥିବା ଏକ ଚଳଚ୍ଚିତ୍ରକୁ ସେନସର୍ ସାର୍ଟିଫିକେଟ୍ ଦେବାରେ ସାହାଯ୍ୟ କରିବା ପାଇଁ ୭ ଲକ୍ଷ ଟଙ୍କା ଲାଞ୍ଚ ପାଇବାକୁ ଜଣେ ବ୍ୟକ୍ତି ଅନ୍ୟମାନଙ୍କ ସହ ମିଶି ଏକ ଷଡ଼ଯନ୍ତ୍ର ରଚିଥିଲା। ଗତ ମାସରେ କେନ୍ଦ୍ରୀୟ ଚଳଚ୍ଚିତ୍ର ସାର୍ଟିଫିକେସନ୍ ବୋର୍ଡ ସେହି ସାର୍ଟିଫିକେଟ୍ ଦେଇଥିଲା। ଏକ ବିବୃତିରେ ସି.ବି.ଆଇ. କହିଛି, ମୁମ୍ବାଇ ସମେତ ଅନ୍ୟ ଚାରୋଟି ସ୍ଥାନରେ ଚଢ଼ଉ କରାଯାଇଛି। ସେହି ସ୍ଥାନଗୁଡ଼ିକ ସହ ଅଭିଯୁକ୍ତ ଓ ଅନ୍ୟମାନେ ଜଡ଼ିତ। ସେଠାରୁ ଅନେକ ଆପତ୍ତି ଜନକ ଦସ୍ତାବିଜ ଉଦ୍ଧାର କରାଯାଇଛି। ଏ ସମ୍ବନ୍ଧୀୟ ତଦନ୍ତ ଜାରି ରହିଛି।

## ପୁରୀ-କାପାସିଟି ବିଲ୍ଡିଂ

ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି' ସରକାର ଶ୍ରମ ଶକ୍ତି କ୍ଷେତ୍ରରେ ଦକ୍ଷତା ବିକାଶକୁ  ବିଶେଷ ଗୁରୁତ୍ୱ ଦେଉଛନ୍ତି।

ନୂଆଦିଲ୍ଲୀରେ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାର ଜାତୀୟ ଦକ୍ଷତା ବିକାଶ କର୍ମଶାଳାରେ ଉଦ୍‌ବୋଧନ ଦେଇ ଶ୍ରୀ ପୁରୀ କହିଛନ୍ତି' ପୂର୍ବରୁ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯାଉ ନ ଥିଲା, ତେବେ ଦେଶରେ ଏବେ ଦକ୍ଷତା ବିକାଶ କମିଶନର ବ୍ୟବସ୍ଥା କରାଯାଇଛି। ସେ କହିଛନ୍ତି' ସହରାଞ୍ଚଳ କ୍ଷେତ୍ରରେ ଥିବା ସମସ୍ତ ଯୋଜନାରେ ଗତ ୨୦୦୪ରୁ ୨୦୧୪ ମଧ୍ୟରେ ୧ କୋଟି ୭୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ଗତ ୯ ମାସ ମଧ୍ୟରେ ଏ କ୍ଷେତ୍ରରେ ୧୮ ଲକ୍ଷ କୋଟି ଅର୍ଥ ବିନିଯୋଗ ହୋଇଛି।

ଶ୍ରୀ ପୁରୀ କହିଛନ୍ତି' ଦେଶରେ ସ୍ୱଚ୍ଛ ଭାରତ ମିଶନ ଲୋକମାନଙ୍କ ଚିନ୍ତାଧାରାରେ ଏକ ବ୍ୟାପକ ପରିବର୍ତ୍ତନ ଆଣିଛି।  ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା ତରୁଣ କୁମାର କହିଛନ୍ତି' ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାରେ ଦକ୍ଷତା ବିକାଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

## ଏସିଆନ ଗେମ୍ସ

ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ୮୬ରେ ପହଁଞ୍ଚିଛି। ତାହା ମଧ୍ୟରେ ୨୧ଟି ସ୍ୱର୍ଣ୍ଣ, ୩୨ଟି ରୌପ୍ୟ ଓ ୩୩ଟି ବ୍ରୋଞ୍ଜ ପଦକ ରହିଛି। ପଦକ ତାଲିକାରେ ଭାରତ ବର୍ତ୍ତମାନ ଚତୁର୍ଥ ସ୍ଥାନରେ

ଅଛି । ଏସୀୟ କ୍ରୀଡ଼ାରେ ଭାରତ ଏ ପର୍ଯ୍ୟନ୍ତ ନିଜର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଛି । ଅଷ୍ଟାଦଶ ଏସୀୟ କ୍ରୀଡ଼ାରେ ଭାରତକୁ ୭୦ଟି ପଦକ ମିଳିଥିଲା ।

ତୀର ଚାଳନାରେ ଭାରତୀୟ ପୁରୁଷ କମ୍ପାଉଣ୍ଡ ଟିମ୍ ଦକ୍ଷିଣ କୋରିଆକୁ ୨୩୫-୨୩୦ ରେ ହରାଇ ସ୍ୱର୍ଣ୍ଣ ପଦକ ବିଜୟ ହୋଇଛନ୍ତି । ପୂର୍ବରୁ ଜ୍ୟୋତି, ପରିଣୀତ ଓ ଆଦିତି ମହିଳା ଟିମ୍ କମ୍ପାଉଣ୍ଡ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ସେମାନେ ଚୀନ୍ ତାଇପେଇ ବିପକ୍ଷରେ ୨୩୦-୨୨୮ରେ ବିଜୟୀ ହୋଇଥିଲେ । ସ୍କ୍ୱାଶ୍‌ରେ ଭାରତୀୟ ମିକ୍ସଡ୍ ଡବଲ୍ସ ଯୋଡ଼ି ଦୀପିକା ପାଲିକଲ ଓ ହରିନ୍ଦର ପାଲ ସିଂ ସାନ୍ଧୁ ମାଲେସିଆ ଯୋଡ଼ିକୁ ହରାଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ସୌରଭ ଘୋଷାଲ ପୁରୁଷ ବ୍ୟକ୍ତିଗତ ମ୍ୟାଚ୍‌ରେ ମାଲେସିଆ ର ଏଇନ୍ ୟୋ ଏନ୍‌ଜିଙ୍କୁ ହରାଇ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି ।

କବାଡ଼ିରେ ଭାରତୀୟ ପୁରୁଷ ଟିମ୍ ଜାପାନକୁ ଗ୍ରୁପ୍-ଏ' ମ୍ୟାଚ୍‌ରେ ୫୬-୨୮ରେ ହରାଇ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି । କୁସ୍ତିରେ ୫୭ କିଲୋଗ୍ରାମ ବର୍ଗରେ ମାନ୍‌ସୀ ଦକ୍ଷିଣ କୋରିଆର ବାର୍କ ଜେଓଙ୍ଗେଙ୍କ ବିପକ୍ଷରେ ୨-୦ରେ ବିଜୟୀ ହୋଇଛନ୍ତି । ମହିଳା ୫୩ କିଲୋଗ୍ରାମ ବର୍ଗରେ ଅନ୍ତିମ ପଙ୍ଘଲ ମଙ୍ଗୋଲିଆର ବାତ୍-ଓଚିରିନ୍ ବୋଲର୍‌ତୁୟା ଙ୍କୁ ୩-୧ରେ ପରାସ୍ତ କରିଛନ୍ତି ।

ବ୍ୟାଡମିଣ୍ଟନରେ ଭାରତର ଏଚ୍.ଏସ୍. ପ୍ରଣୟ ମାଲେସିଆର ଲି ଜି ଜିୟାଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏସୀୟ କ୍ରୀଡ଼ାରେ ଉତ୍ତମ ପ୍ରଦର୍ଶନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ କ୍ରୀଡ଼ାବିତ୍ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କ୍ରିକେଟ ୱାର୍ଲ୍ଡ କପ୍

ଆଇ.ସି.ସି. ଆନ୍ତର୍ଜାତିକ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ଗତଥରର ଚାମ୍ପିଅନ ଇଂଲଣ୍ଡ' ନ୍ୟୁଜିଲାଣ୍ଡ ବିପକ୍ଷରେ ୯ ୱିକେଟ୍ ବିନିମୟରେ ୨୮୨ ରନ୍ ସଂଗ୍ରହ କରିଛି। ଏହି ମ୍ୟାଚ୍ ଅହମ୍ମଦାବାଦର ମୋଟେରା ଠାରେ ଚାଲିଛି। ପୂର୍ବରୁ ନ୍ୟୁଜିଲାଣ୍ଡ ଟସ୍ ଜିଣି ଇଂଲଣ୍ଡକୁ ପ୍ରଥମ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଇଂଲଣ୍ଡ ପାଇଁ ଜୋ' ରୁଟ୍ ସର୍ବାଧିକ ୭୭ ରନ୍ ସଂଗ୍ରହ କରିଥିବାବେଳେ କ୍ୟାପଟେନ୍ ଜୋଶ୍ ବଟଲର ୪୩ ରନ୍ ସଂଗ୍ରହ କରିଥିଲେ। ନିୟମିତ ବ୍ୟବଧାନରେ ଦଳର ୱିକେଟ୍ ପତନ ଘଟିଥିବା ସତ୍ତ୍ୱେ ସେ ଦଳକୁ ଏକ ସମ୍ମାନଜନକ ସ୍ଥିତିରେ ପହଁଞ୍ଚାଇବାରେ ସଫଳ ହୋଇଛନ୍ତି। ନ୍ୟୁଜିଲାଣ୍ଡ ପାଇଁ ମ୍ୟାଟ୍ ହେନ୍‌ରୀ ୩ଟି ୱିକେଟ୍ ନେଇଥିବାବେଳେ ମିଚେଲ ସାଣ୍ଟନର ଓ ଗ୍ଲେନ୍ ଫିଲିପ୍ସ ୨ଟି ଲେଖାଏଁ ୱିକେଟ୍ ନେଇଛନ୍ତି।

ସର୍ବଶେଷ ଖବର ଆମର ହସ୍ତଗତ ହେବାବେଳକୁ ନ୍ୟୁଜିଲାଣ୍ଡ ୧୭ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୩୮ ରନ୍ ସଂଗ୍ରହ କରିଛି।